# ପୁଣି ୨ କରୋନା ଆକ୍ରାନ୍ତ ମୃତ

## ୨୪୫ ଆକ୍ରାନ୍ତ, ସୁସ୍ଥ ୨୦୩

**ଭୁବନେଶ୍ୱର,୨୯/୬/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି । ସୋମବାର ପୁଣି ୨ ଜଣ କରୋନାରେ ପ୍ରାଣ ହରାଇବା ପରେ ମୃତ୍ୟୁ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି । ଉଭୟ ମୃତକ ଗଞ୍ଜାମ ଜିଲ୍ଲାର । ସେମାନେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସେମାନଙ୍କର ଅନ୍ୟ କୌଣସି ରୋଗ ଥିଲା କି ନାହିଁ ସେ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଏବେ ଗଞ୍ଜାମ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୧୨ ଛୁଇଁଛି । ଏହି ଜିଲ୍ଲାରେ ୧୩୬୭ ଆକ୍ରାନ୍ତ ହୋଇଥିବା ବେଳେ ୮୯୨ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ୪୬୩ ସକ୍ରିୟ ରହିଛନ୍ତି । ଗଞ୍ଜାମ ଜିଲ୍ଲା ଆକ୍ରାନ୍ତ, ସୁସ୍ଥ ଓ ମୃତକଙ୍କ କ୍ଷେତ୍ରରେ ସର୍ବାଧିକ ରହିଛି । ତେଣୁ ପୂର୍ବରୁ ବ୍ରହ୍ମପୁର ସହର ସଟ୍‌ଡାଉନ୍ ଥିବାବେଳେ ଆଜିଠାରୁ ଛତ୍ରପୁର ଏନ୍‌ଏସିକୁ ୭ ଦିନ ପାଇଁ ସଟ୍‌ଡାଉନ୍ ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ରାଜ୍ୟରେ ଆଜି ପ୍ରଥମଥର ପାଇଁ ସକ୍ରିୟଙ୍କ ସଂଖ୍ୟା ଦୁଇ ହଜାର ଟପିଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ମଧ୍ୟ ୫ହଜାର ଛୁଇଁବାକୁ ଯାଉଛି ।

ଦିନକୁ ଦିନରେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆଜି ପୁଣି ୨୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହାଫଳରେ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ୮୫୯କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୨୧୪ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ଓ ୩ ସ୍ଥାନୀୟ ଅଞ୍ଚଳରୁ ବୋଲି ଜଣାପଡ଼ିଛି । ଏମାନଙ୍କ ଭିତରେ ୨ ଜଣ ଅମ୍ଫନ୍ ବାତ୍ୟାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ପଶ୍ଚିମବଙ୍ଗ ଫେରନ୍ତା କର୍ମଚାରୀ ଅଛନ୍ତି । ମୋଟ ଆକ୍ରାନ୍ତଙ୍କ ଭିତରୁ ଗଞ୍ଜାମରୁ ସର୍ବାଧିକ ୯୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୮, ଯାଜପୁରରୁ ୪୦, ବରଗଡ଼ରୁ ୧୦, କେନ୍ଦ୍ରାପଡ଼ାରୁ ୮, ନବରଙ୍ଗପୁରରୁ ୭, ସୁନ୍ଦରଗଡ଼ରୁ ୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡ଼ା, ରାୟଗଡ଼ା ଓ ସୋନପୁରରୁ ଜଣେ ଲେଖାଁଏ ଆକ୍ରାନ୍ତ ଅଛନ୍ତି । ବାଲେଶ୍ୱର ଓ ଭଦ୍ରକରୁ ୨ ଲେଖାଁଏ ପଜିଟିଭ ଚିହ୍ନଟ ହୋଇଛନ୍ତି । କଟକ ୭, ଢେଙ୍କାନାଳ ୩, ଗଜପତି ୭, ଜଗତସିଂହପୁର ୯, କେଉଁଝର ୭, ମୟୂରଭଞ୍ଜ ୫ ଓ ନୟାଗଡ଼ରୁ ୩ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ଏକାସାଙ୍ଗରେ ୨୦୩ ଜଣ ସୁସ୍ଥ ହୋଇଛନ୍ତି । ସୁସ୍ଥଙ୍କ ମଧ୍ୟରେ ସର୍ବାଧିକ ଗଞ୍ଜାମରୁ ୬୦, ଗଜପତିରୁ ୨୦, ଖୋର୍ଦ୍ଧାରୁ ୧୯, କଟକରୁ ୧୮, ଭଦ୍ରକରୁ ୧୪, କେନ୍ଦୁଝରରୁ ୧୩, ନୟାଗଡ଼ରୁ ୧୨, ମୟୂରଭଞ୍ଜରୁ ୧୦, ଯାଜପୁରରୁ ୯, ବାଲେଶ୍ୱରରୁ ୮ ଓ କେନ୍ଦ୍ରାପଡ଼ାରୁ ୭ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଅନୁଗୁଳରୁ ୪,

▶▶ ୭

ଆକ୍ରାନ୍ତ ୬୮୫୯

| ସକ୍ରିୟ | ସୁସ୍ଥ | ମୃତ |
| --- | --- | --- |
| ୨୦୮୬ | ୪୭୪୩ | ୨୩ |